## ୨୭ ସ୍ଥାନରେ ଟିକାକରଣ ବନ୍ଦ

**ଅନୁଗୋଳ ଅଫିସ:** କୋଭିଡ୍ ଟିକା ଅଭାବରୁ ଅନୁଗୋଳ ଜିଲାର ୨୭ଟି ସ୍ଥାନରେ ଟିକାକରଣ ବନ୍ଦ କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଶୁକ୍ରବାର ରାତିରେ ସୂଚନା ପ୍ରଦାନ କରାଯାଇଛି। କେବଳ ଜିଲାର ଗୋଡ଼ିବନ୍ଧ, କୋଶଳା, ବଆଁରପାଳ, କଣିହାଁ, ଖମାର, ବଇଣ୍ଡା, ହଣ୍ଡପାରେ ଥିବା କେନ୍ଦ୍ରଗୁଡ଼ିକରେ ଟିକାଦାନ ଜାରି ରହିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ ଟିକାଦାନ ବନ୍ଦ ରହିବ। ଶୁକ୍ରବାର ରାତି ସୁଦ୍ଧା ଟିକା ଆସି ପହଞ୍ଚି ନ ଥିବାରୁ ଏସବୁ କେନ୍ଦ୍ରରେ ଟିକାକରଣକୁ ବନ୍ଦ କରାଯାଇଥିବା ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାଶ କହିଛନ୍ତି।



# ୫-ଟିରେ ଅନୁଗୋଳର ୫୦ ହାଇସ୍କୁଲ

- 'ହାଇସ୍କୁଲ ଟ୍ରାନ୍ସଫର୍ମେଶନ' କାର୍ଯ୍ୟକ୍ରମରେ ସାମିଲ
- ବଦଳିବ ଜିଲା ଶୈକ୍ଷିକ ଭିତ୍ତିଭୂମିର ରୂପରେଖ
- ଆଜି ଭର୍ଚୁଆଲ ମୋଡ୍‌ରେ ସଚିବ କରିବେ ଆଲୋଚନା



**ଅନୁଗୋଳ ଅଫିସ,୧୬।୪**

ଅନୁଗୋଳ ଜିଲାରେ ବଦଳିବ ହାଇସ୍କୁଲ ଶିକ୍ଷାର ଭିତ୍ତିଭୂମି। ଶୈକ୍ଷିକ ବ୍ୟବସ୍ଥାରେ କରାଯିବ ବଡ଼ ପରିବର୍ତ୍ତନ। ନୂଆ ରୂପରେଖ ସହ ଗୁଣାତ୍ମକ ଶିକ୍ଷା ପାଇଁ ସମସ୍ତ ବାତାବରଣ ଏଠାରେ ପ୍ରସ୍ତୁତ ହେବ। ରାଜ୍ୟ ସରକାରଙ୍କ ୫-ଟି ବିଭାଗ ଅଧୀନରେ ଆରମ୍ଭ ହେଉଥିବା 'ହାଇସ୍କୁଲ ଟ୍ରାନ୍ସଫର୍ମେଶନ୍' କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ଜିଲାରୁ ବଛା ବଛା ୫୦ଟି ହାଇସ୍କୁଲକୁ ଏଥିରେ ସାମିଲ କରାଯାଇଛି। ଏ ନେଇ ଏପ୍ରିଲ ୧୭ ତାରିଖ ଶନିବାର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ସମ୍ପୃକ୍ତ ହାଇସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକ, ସ୍ଥାନୀୟ ସରପଞ୍ଚ, ଆଲୁମନି ଆସୋସିଏଶନ ଛାତ୍ରୀଛାତ୍ରମାନଙ୍କ ସହ ଭର୍ଚୁଆଲ ମୋଡ୍‌ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' ଅଭିଯାନରେ ଅନୁଗୋଳ ଜିଲାର ସମସ୍ତ ୨୪୩ ହାଇସ୍କୁଲ ପୂର୍ବରୁ ସାମିଲ ହୋଇସାରିଛି। ଏସବୁ ସ୍କୁଲର ଉନ୍ନତୀକରଣ ପାଇଁ ପୁରାତନ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ୬୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏବେ ମୋ ସ୍କୁଲ ଅଭିଯାନ ଜରିଆରେ ୫-ଟି ଅଧୀନରେ ଆରମ୍ଭ ହେଉଥିବା 'ହାଇସ୍କୁଲ ଟ୍ରାନ୍ସଫର୍ମେଶନ୍' କାର୍ଯ୍ୟକ୍ରମରେ ଜିଲାର ୮ଟି ବ୍ଲକରୁ ୫୦ ହାଇସ୍କୁଲକୁ ସାମିଲ କରାଯାଇଛି। ଅନୁଗୋଳ ବ୍ଲକରୁ ସର୍ବାଧିକ ୯ଟି ହାଇସ୍କୁଲକୁ ନିଆଯାଇଥିବାବେଳେ ବଆଁରପାଳ, ଛେଣ୍ଡିପଦା, କଣିହାଁ ଓ କିଶୋରନଗର ବ୍ଲକରୁ ୬ଟି ଲେଖାଏ, ପାଲଲହଡ଼ାର ୭ ଏବଂ ଆଠମଲ୍ଲିକ, ତାଳଚେର ବ୍ଲକରୁ ୫ଟି ଲେଖାଏ ହାଇସ୍କୁଲ ସାମିଲ ହୋଇଛି। ଏଥିଲାଗି ଜିଲା ପ୍ରଶାସନ ସହ ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ୫-ଟି ବିଭାଗ ପକ୍ଷରୁ ଚିଠି କରାଯାଇଛି। ଫଳରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ତାଲିକାଭୁକ୍ତ ହାଇସ୍କୁଲଗୁଡ଼ିକର ସୌନ୍ଦର୍ଯ୍ୟକରଣ ସହ ଶୈକ୍ଷିକ ବାତାବରଣ ପାଇଁ ବଡ଼ ଧରଣର ପରିବର୍ତ୍ତନ କରାଯିବ। ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରି, ଉନ୍ନତ ଲାବରେଟୋରି, ଶୌଚାଳୟ, ପାନୀୟ ଜଳ ସୁବିଧା, ଖେଳପଡ଼ିଆ, ପାଚେରି ପ୍ରସ୍ତୁତ ହେବ। ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ସ୍ଥାନୀୟ ସରପଞ୍ଚ ପାଣ୍ଠି, ସିଏସ୍‌ଆର୍ ଯୋଜନା ଆଦିରୁ ଅର୍ଥ ଖର୍ଚ୍ଚ କରାଯିବ। ଏହାଛଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରତି ହାଇସ୍କୁଲକୁ ୧୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ରାଜ୍ୟ ସରକାର ମଧ ଏସବୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ୩୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବେ। ଆସନ୍ତା ନଭେମ୍ବର ମାସ ସୁଦ୍ଧା ଜିଲାର ଅବଶିଷ୍ଟ ୧୯୩ ହାଇସ୍କୁଲକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସୂଚନା ମିଳିଛି।

### ଶିକ୍ଷାର ମାନ ବଢ଼ିବ



ସରକାରଙ୍କ ଏହି ବ୍ୟବସ୍ଥା ଦ୍ୱାରା ହାଇସ୍କୁଲ ଶିକ୍ଷାର ମାନ ବଢ଼ିବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଜିଲା ଶିକ୍ଷା ଭିତ୍ତିଭୂମି ସହ ବ୍ୟବସ୍ଥାରେ ବଡ଼ଧରଣର ପରିବର୍ତ୍ତନ ଆସିପାରିବ। ଏହାକୁ ସମସ୍ତେ ନିଶ୍ଚିତ ସ୍ୱାଗତ କରିବେ।

**-କେଦାର ବେହେରା, ପିଟିସି ହାଇସ୍କୁଲ ପ୍ରଧାନଶିକ୍ଷକ, ଅନୁଗୋଳ**

### ଭବିଷ୍ୟତ ଉଜ୍ଜ୍ୱଳ ହେବ



ହାଇସ୍କୁଲଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ହେବ। ଅତ୍ୟାଧୁନିକ ଶ୍ରେଣୀଗୃହ ସହ ଇ-ପାଠାଗାର ଶୈକ୍ଷିକ ବାତାବରଣକୁ ମଜଭୁତ କରିବ। ପିଲାମାନଙ୍କ ଭବିଷ୍ୟତ ଶୃଙ୍ଖଳିତ ସହ ଉଜ୍ଜ୍ୱଳ ହେବ। ଏହା ସରକାରଙ୍କ ଏକ ଉତ୍ତମ ଚିନ୍ତାଧାରା।

**-ସୁକାନ୍ତ କୁମାର ମାଝି, ମୋ ସ୍କୁଲ ଅଭିଯାନର ସଭାପତି**

### ମୂଳଦୁଆ ସୁଦୃଢ଼ ହେବ



ବିଦ୍ୟାଳୟର ସୌନ୍ଦର୍ଯ୍ୟ ସହ ପ୍ରତିଯୋଗିତା ପାଠ୍ୟକ୍ରମ ପାଇଁ ମୂଳଦୁଆ ସୁଦୃଢ଼ ହେବ। ଏହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂଆ ଶକ୍ତି ସଞ୍ଚାର କରିବ। ଭବିଷ୍ୟତର ପାଠପଢ଼ାକୁ ନେଇ ଯେଉଁ ଚିନ୍ତା ରହୁଥିଲା, ତାହା ଦୂର ହୋଇପାରିବ। ଏଭଳି ବ୍ୟବସ୍ଥାକୁ ସ୍ୱାଗତ କରୁଛୁ।

**-ସିପ୍ରାସୁଲେଖା ବେହେରା, ଦଶମ ଛାତ୍ରୀ**

### ମାନସିକ ଭାବେ ଦୃଢ଼ ହେବେ



ଏପରି ବିଦ୍ୟାଳୟ ଗୁଣାତ୍ମକ ପାଠପଢ଼ା ସହ ପିଲାଙ୍କ ଶାରୀରିକ ଓ ମାନସିକ ବିକାଶରେ ସହାୟ ହୋଇପାରିବ। ଇ-ଲାଇବ୍ରେରି ଛାତ୍ରୀଛାତ୍ରମାନଙ୍କ ଦେଶ ବିଦେଶ ଜ୍ଞାନ ବଢ଼ାଇବ। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଜିଲାର ବିଭିନ୍ନ ଅଞ୍ଚଳକୁ ମଧ ନୂଆ ରୂପ ଦେବ।

**-ମିଳାପ ପ୍ରଧାନ, ସରପଞ୍ଚ**

# ଆଜିଠୁ ୩୬ ଅଞ୍ଚଳରେ ନାଇଟ୍ କର୍ଫ୍ୟୁ



- ଅନୁଗୋଳ ଜିଲାରେ ସଭା, ସମିତି ବନ୍ଦ
- ବଜାରରେ ମାସ୍କ, ସାମାଜିକ ଦୂରତ୍ୱ ବାଧ୍ୟତାମୂଳକ
- ମାଲଗାଡ଼ି, ଜରୁରୀ ସେବାକୁ ଅନୁମତି

**ଅନୁଗୋଳ ଅଫିସ, ୧୬।୪**

ଅନୁଗୋଳ ଜିଲାର ୩୬ଟି ସ୍ଥାନରେ ଶନିବାର ଠାରୁ ନାଇଟ୍ କର୍ଫ୍ୟୁ ଜାରି କରାଯିବ। ଦୈନିକ ରାତି ୯ଟାରୁ ଭୋର ୫ଟା ଯାଏ ରହିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଚିଠି ନଂ. ୯୩୮/୧୬।୪।୨୦୨୧ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ମାଲ ପରିବହନ କରୁଥିବା ଗାଡ଼ି ସହ ଜରୁରୀ ସେବାରେ ନିୟୋଜିତ କର୍ମଚାରୀମାନେ ସେମାନଙ୍କ ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ।

ଅନୁଗୋଳ ପୌରାଞ୍ଚଳ ସହ ପେରିଫେରି ଅଞ୍ଚଳ ତୁରଙ୍ଗ, ଶୁଶୁଡ଼ା, ଖଲାରୀ, ଜରାସିଂହା, କୁମଣ୍ଡ ପଞ୍ଚାୟତରେ ଏହି ନାଇଟ୍ କର୍ଫ୍ୟୁ ଲାଗୁ ହେବ। ସେହିପରି ଛେଳିଆପଡ଼ା ଛକ, ନୂଆମୌଜା, କୁମରିସିଂହା ଛକ, ବନ୍ତଳା ଛକ ଓ ବଡ଼କେରା ଛକକୁ ଏଥିରେ ସାମିଲ କରାଯାଇଛି। ବଆଁରପାଳ ବ୍ଲକର ବଆଁରପାଳ ଛକ, ନାଲ୍‌କୋ, ମହୀଧରପୁର ଛକ, ଜରପଡ଼ା ଜଙ୍କଶନ୍‌ରେ ନାଇଟ୍ କର୍ଫ୍ୟୁ ରହିବ। ଛେଣ୍ଡିପଦା ବ୍ଲକର ଛେଣ୍ଡିପଦା ଛକ, କୋଶଳା ଛକ, ବାଗେଡ଼ିଆ ଛକ, ତାଳଚେର ବ୍ଲକର ଏଫ୍‌ସିଆଇ ଛକ, ଟିଟିପିଏସ୍ ଥର୍ମାଲ ବଜାର ଓ ହାଟ, କଣିହାଁ ସହରାଞ୍ଚଳ, ବହ୍ଲର ଛକ, ହାଟତୋଟା ଛକ, ଶର୍ମା ଛକ, ହଣ୍ଡିଧୁଆ ଛକ, ଏନଟିପିସି ବାଇପାସ୍ ଛକ, ରେଙ୍ଗାଳି ମାର୍କେଟ, ସମଲ ମାର୍କେଟକୁ କଟକଣାରେ ସାମିଲ କରାଯିବ। ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ, ବଇଣ୍ଡା ଜଙ୍କଶନ୍, କିଶୋରନଗର, ମହୀଧପୁର ଜଙ୍କଶନ୍, କିଆକଟା ଜଙ୍କଶନ୍, ପାଲଲହଡ଼ା ବ୍ଲକ ବାଲିପଶିର ଦେବଗଡ଼ ପ୍ରବେଶପଥ, ଖମାର ଏବଂ କଣ୍ଟେଇପଶି, କେନ୍ଦୁଝରକୁ ପ୍ରବେଶ ପଥ ଥିବା କଣ୍ଟାଳରେ ଏହି ନାଇଟ୍ କର୍ଫ୍ୟୁକୁ ବଳବତ୍ତର ରଖାଯିବ। ରାତିରେ ରାସ୍ତା ପାର୍ଶ୍ୱ ଢାବା ଗୁଡ଼ିକ ଖୋଲା ରହିବ। ବିବାହ ଶୋଭାଯାତ୍ରାକୁ ଅନୁମତି ପ୍ରଦାନ କରାଯିବ ନାହିଁ। ବିବାହ ଭୋଜିରେ ମାସ୍କ, ସାନିଟାଇଜର ଓ ସାମାଜିକ ଦୂରତ୍ୱକୁ ବାଧ୍ୟତାମୂଳକ କରାଯାଇଛି। ଶନିବାରଠାରୁ କୌଣସି ଧାର୍ମିକ, ରାଜନୈତିକ, ସାଂସ୍କୃତିକ ବୈଠକ ଆୟୋଜନ କରାଯାଇ ପାରିବ ନାହିଁ। ହାଟ, ବଜାର ଓ ମାଛ ମାର୍କେଟରେ ମାସ୍କ ବାଧ୍ୟତାମୂଳକ ଉପରେ ଧ୍ୟାନ ଦିଆଯିବ। ରେଷ୍ଟୁରାଣ୍ଟ, ବାର, ଫିଲ୍ମହଲ ଓ ପାର୍କରେ ୫୦ ପ୍ରତିଶତ ଲୋକ ରହିପାରିବେ। ଯାତ୍ରା ଓ ଅପେରାରେ ହଜାରେ ଲୋକଙ୍କୁ ଅନୁମତି ପ୍ରଦାନ କରାଯାଇଛି। ଏସବୁ ନିୟମର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଉପ ନିର୍ବାଚନ ସ୍ଥଗିତ

**ଛେଣ୍ଡିପଦା,୧୬।୪(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ୧୭ ନଂ. ଜିଲା ପରିଷଦ ଜୋନ୍ ପାଇଁ ଚଳିତ ମାସ ୨୮ ତାରିଖରେ ହେବାକୁ ଥିବା ଉପ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। କୋଭିଡ୍ ସଂକ୍ରମଣର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟ ରିଲିଫ କମିଶନର ତଥା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏ ନେଇ ରାଜ୍ୟ ନିର୍ବାଚନ କମିଶନର ଚିଠି ନମ୍ବର ଇଲେକ୍ସନ (ଜିପି)-୧୩୫୮/ ଏସ.ଇ.ସି. ଅନୁଯାୟୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ସାମୟିକ ଭାବେ ସ୍ଥଗିତ ରଖିବା ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

### ନାଲ୍‌କୋ ରାଜନୀତି ସରଗରମ



**ବଆଁରପାଳ,୧୬।୪(ଡି.ଏନ.ଏ.):** ଅନୁଗୋଳ ଜିଲା ନାଲ୍‌କୋ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ। ସଭପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ଏହି ନିର୍ବାଚନ କରାଯିବ। ସଭାପତି ପଦବୀ ପାଇଁ ମନରଞ୍ଜନ ଜେନା ଓ ଲୋକେଶ ଚନ୍ଦ୍ର ଜେନା, ଉପସଭାପତି ପଦବୀ ପାଇଁ ତପନ କୁମାର ସାମନ୍ତସିଂ ଓ ତପନ ଜେନା, ସମ୍ପାଦକ ପଦବୀ ପାଇଁ ରଞ୍ଜିତ କୁମାର ସେଠ ଓ ବାବୁଲି ସ୍ୱାଇଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି। ସହ ସମ୍ପାଦକ ପାଇଁ ବିଭୂତି ଭୂଷଣ ଜେନା, ପିଣ୍ଟୁ ସାହୁ, ରାକେଶ ଦେହୁରୀ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। କୋଷଧ୍ୟକ୍ଷ ପଦବୀ ପାଇଁ ମୁକେଶ କୁମାର ଜେନା ଓ ପ୍ରକାଶ କୁମାର ଜେନାଙ୍କ ମଧ୍ୟରେ ଲଢ଼େଇ ହେଉଛି। ଏହି ନିର୍ବାଚନକୁ ନେଇ କୁଲାଡ଼, ଗିରାଙ୍ଗ ଓ ନାଲ୍‌କୋ ଅଞ୍ଚଳରେ ରାଜନୀତି ସରଗରମ ହୋଇପଡିଛି। ବ୍ୟାନର ଓ ପୋଷ୍ଟର ସମଗ୍ର ଅଞ୍ଚଳରେ ଛାଉଣୀ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ଆଡ୍‌ଭୋକେଟ ସୁରେଶ ମିଶ୍ର, ସୀତାଂଶୁ ଶେଖର ନାଥ ଓ ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ମୋଟ ୨୮୦ ଭୋଟର ଏହି ପ୍ରାର୍ଥୀଙ୍କୁ ଚୟନ କରିବେ।

### ଥଣ୍ଡା ଜଳ ପ୍ରକଳ୍ପ ଅଚଳ



**ବଇଣ୍ଡା,୧୬।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପାଇକସାହିରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ମାସ ହେବ ଅଚଳ ହୋଇପଡିଛି। ଫଳରେ ପଥଚାରୀମାନେ ପାଣି ଟୋପେ ପାଉନାହାନ୍ତି। ୨୦୧୭ରେ ପଞ୍ଚାୟତ ପାଣ୍ଠିରୁ ୩ ଲକ୍ଷ ୭୬ ହଜାର ଟଙ୍କାରେ ଏହା ନିର୍ମାଣ କରାଯାଇଥିଲା। କିନ୍ତୁ ଫେବୃୟାରୀ ୨୦୨୦ରୁ ଫ୍ରିଜର ଓ ଜାନୁୟାରୀ ୨୦୨୧ରୁ ପ୍ରକଳ୍ପ ପମ୍ପ ଖରାପ ହୋଇଯାଇଛି। ପଞ୍ଚାୟତ ଅଧୀନରେ ଏହା ଥିଲେ ମଧ ମରାମତି ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ପାଇକସାହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ରୀନାରାଣୀ ନାଏକ କହିଛନ୍ତି, ପ୍ରକଳ୍ପ ସଚଳ କରିବା ପାଇଁ ପଦେକ୍ଷେପ ନିଆଯିବ।

### ପ୍ରବାସୀଙ୍କ ପାଇଁ କ୍ୱାରାଣ୍ଟାଇନ୍ ସେଣ୍ଟର

**ଅନୁଗୋଳ ଅଫିସ, ୧୬।୪:** କରୋନା ସଂକ୍ରମଣ ବଢ଼ୁଥିବାରୁ ବିଭିନ୍ନ ରାଜ୍ୟରୁ ଅନୁଗୋଳ ଜିଲାର ଲୋକମାନେ ଫେରିପାରନ୍ତି। ତେଣୁ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଆଦର୍ଶ ବିଦ୍ୟାଳୟରେ ଏହି ସେଣ୍ଟର ଖୋଲାଯିବାକୁ ପ୍ରସ୍ତୁତି ଚାଲିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ବେଡ ବିଶିଷ୍ଟ କୋଠରି ସଜାଗ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରିଥିଲେ। ତାଙ୍କ ସହ ଉପଜିଲାପାଳ ବାସୁଦେବ ଶତପଥୀ, ସିଡିଏମ୍‌ଓ ଡ. ଅଭୟ କୁମାର ଦାଶ, ଡିପିଏଚଓ ଧନଞ୍ଜୟ ବେହେରା ଓ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଉପସ୍ଥିତ ଥିଲେ।

### ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍

**କଣିହାଁ,୧୬।୪(ଡି.ଏନ.ଏ.):** କଣିହାଁ ଦମକଳ ବାହିନୀ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ ଅବସରରେ ମକ୍‌ଡ୍ରିଲ କରାଯାଇଛି। ପ୍ରଥମ ଦିନରେ ସମସ୍ତ କର୍ମଚାରୀ କଣିହାଁ, ଏନ୍‌ଟିପିସି ବଜାର ପରିକ୍ରମା କରିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅଗ୍ନିଶମ ଅଧିକାରୀ ରୋହିତ କୁମାର ବେହେରା ସୂଚନା ଦେଇଛନ୍ତି।

# ଟିକସ ପ୍ରତ୍ୟାହାର ଦାବିରେ ଗଣଧାରଣା

**ତାଳଚେର,୧୬।୪(ନି.ପ୍ର.)**

ତାଳଚେର ପୌର ପରିଷଦର ତ୍ରୁଟିପୂର୍ଣ୍ଣ ଗୃହ ଟିକସକୁ ବିରୋଧ ସହ ଅଳିଆ ନେବା ପାଇଁ ବ୍ୟବହାରିକ କରର ପ୍ରତ୍ୟାହାର ଦାବିରେ ଶୁକ୍ରବାର ଭାଜପା ପକ୍ଷରୁ ପୌର କାର୍ଯ୍ୟାଳୟ ଘେରାଉ ସହ ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଦ୍ୱାରା ତାଳଚେର ପୌରବାସୀଙ୍କ ପାଇଁ ନିର୍ଦ୍ଧାରଣ ହୋଇଥିବା ଗୃହ ଟିକସ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ବୋଲି ଭାଜପା ଅଭିଯୋଗ କରିଛି। ମୂଲ୍ୟାୟନ ଠିକ୍ ଭାବେ କରା ନ ଯାଇ ଖାମଖିଆଲି ଭାବେ କରାଯାଇଥିବାରୁ ଏହା ପୁରୁଣା ଧାର୍ଯ୍ୟ ଟିକସ ଠାରୁ ୫୦ରୁ ୧୦୦ ଗୁଣ ପର୍ଯ୍ୟନ୍ତ ଅଧିକ ହୋଇଛି। ଧୂଳିଧୂଆଁରେ ଅଣନିଃଶ୍ୱାସୀ ହୋଇଆସୁଥିବା ତାଳଚେର ସହରବାସୀଙ୍କ ଉପରେ ଆଉ କର ଲଦା ନ ଯାଇ ଜିଲା ଖଣିଜ ପାଣ୍ଠିରୁ ସେଥିପାଇଁ ଅର୍ଥ ବ୍ୟବସ୍ଥା କରାଯାଉ ବୋଲି ଦଳ ପକ୍ଷରୁ ପୂର୍ବରୁ ଦାବି କରାଯାଇଥିଲା। କିନ୍ତୁ ପଦକ୍ଷେପ ନିଆ ନ ଯିବାରୁ ଦଳ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ତାଳଚେର ପୋଲିସ ଧାରଣାକାରୀଙ୍କୁ ଥାନାକୁ ଉଠାଇ ନେବା ସହ ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଥିଲା। ଏହି ଧାରଣାରେ ଭାଜପା ଜିଲା ସମ୍ପାଦକ ପ୍ରକାଶ ମହାରଣା, ମିଡିଆସେଲ କୋଅର୍ଡିନେଟର ପର୍ଶୁରାମ ବାରିକ, ଜିଲା ଯୁବମୋର୍ଚ୍ଚା ପ୍ରଭାରୀ ଯଯାତି ପଟ୍ଟନାୟକ, ମଣ୍ଡଳ ସଭାପତି ଯଶୋବନ୍ତ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ନିରୋଜ ଦାସ, ଜ୍ଞାନେନ୍ଦ୍ରୀୟ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।



ପୌର କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଛି।

## ସରକାର ଚଳାନ୍ତୁ ତାଳଚେର ମେଡିକାଲ କଲେଜ

**ତାଳଚେର,୧୬।୪(ନି.ପ୍ର)**

ମହାନଦୀ କୋଇଲା କମ୍ପାନୀ ତରଫରୁ ନିର୍ମାଣ କରାଯାଇଥିବା ତାଳଚେର ମେଡିକାଲ କଲେଜକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରି ଏମ୍‌ବିବିଏସ୍ ପାଠ୍ୟକ୍ରମ ଚଳିତ ଶିକ୍ଷାବର୍ଷରୁ ଆରମ୍ଭ କରିବା ପାଇଁ ତାଳଚେର ମେଡିକାଲ କଲେଜ ସଂଘର୍ଷ ସମିତି ପକ୍ଷରୁ ଦାବି କରାଯାଇଛି। ସମିତି ପକ୍ଷରୁ କୁହାଯାଇଛି, ଏନ୍‌ଟିପିସି ଦ୍ୱାରା ନିର୍ମିତ ସୁନ୍ଦରଗଡ଼ ମେଡିକାଲ କଲେଜକୁ ଓଡ଼ିଶା ସରକାର ହାତକୁ ନେଉଥିବା ବେଳେ ଏମ୍‌ସିଏଲ୍ ଦ୍ୱାରା ନିର୍ମିତ ମେଡିକାଲ କଲେଜକୁ କାହିଁକି ଅଣଦେଖା କରୁଛନ୍ତି। ମହାନଦୀ କୋଇଲା କମ୍ପାନୀ ଘରୋଇ କମ୍ପାନୀ କିମ୍ବା ଅନୁଷ୍ଠାନ ଦ୍ୱାରା ମେଡିକାଲ କଲେଜ ଚଳାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଚର୍ଚ୍ଚା ଆରମ୍ଭ ହେଲାଣି। ଯଦି ଏହା ଯଦି ସତ୍ୟ ହୋଇଥାଏ, ତା'ହେଲେ ସଂଘର୍ଷ ସମିତି ଦୃଢ଼ ବିରୋଧ କରିବ। ଆଗାମୀ ଦିନରେ ଗଣ ଆନ୍ଦୋଳନ ହେବ ବୋଲି ସଂଘର୍ଷ ସମିତି ଆବାହକ ଶରତ ଚନ୍ଦ୍ର ପ୍ରଧାନ, ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଆଇନଜୀବୀ ଜ୍ଞାନରଞ୍ଜନ ପାଣି, ଚୈତନ୍ୟ ପ୍ରଧାନ, ବୀରବର ସାହୁ, ଦୁର୍ଗା ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

# କୋଭିଡ୍ ଚିକିତ୍ସା ୟୁନିଟ୍ ପ୍ରସ୍ତାବକୁ ବିରୋଧ



ଘଣ୍ଟପଡା ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ତାଳଚେର,୧୬।୪(ନି.ପ୍ର.)**

ଏମ୍‌ସିଏଲ୍‌ର ଏଠାରେ ଥିବା ନେହେରୁ ଶତାବ୍ଦୀ ହସ୍ପିଟାଲରେ କୋଭିଡ୍-୧୯ ଚିକିତ୍ସା ୟୁନିଟ୍ ଖୋଲାଯିବା ପ୍ରସ୍ତାବକୁ ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମବାସୀ ଦୃଢ଼ ବିରୋଧ କରିଛନ୍ତି। ଶୁକ୍ରବାର ସେଣ୍ଟ୍ରାଲ ହସ୍ପିଟାଲ ମୁଖ୍ୟ ଫାଟକରେ ଗ୍ରାମବାସୀ ଦୀର୍ଘ ସମୟ ଧରି ତାଲା ପକାଇ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲା।

ତାଳଚେର ବ୍ଲକ ଘଣ୍ଟପଡାରେ ପ୍ରାୟ ୧୬ ହଜାର ଲୋକ ରହୁଛନ୍ତି। ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମ ଓ ବିଭିନ୍ନ କ୍ୱାର୍ଟର୍ସ ଲୋକସଂଖ୍ୟାକୁ ହିସାବକୁ ନେଲେ ଏହା ୫୦ ହଜାର ହେବ। ଗ୍ରାମର ୨ଶହ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ଡାକ୍ତରଖାନାରେ କାମ କରୁଛନ୍ତି। ଅନେକ ଡାକ୍ତର କର୍ମଚାରୀ, ନର୍ସ ୨/୩ କିଲୋମିଟର ପରିସରରେ ରହୁଛନ୍ତି। ଏଠାରୁ କରୋନା ଭାଇରସ୍ ଗ୍ରାମକୁ ସଂକ୍ରମଣ ହେବାର ବହୁତ ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏଠାରେ କୋଭିଡ୍-୧୯ ଚିକିତ୍ସା ୟୁନିଟ୍ ଖୋଲାଯିବାକୁ ସେମାନେ ବିରୋଧ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଏକ ଦାବିପତ୍ର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ଉପସ୍ଥିତିରେ ହସ୍ପିଟାଲ ସିଏମ୍ ଏସ୍. ସଞ୍ଜୟ ଦାସଙ୍କୁ ପ୍ରଦାନ କରିଥିଲେ। ଗ୍ରାମବାସୀ କ୍ଷୀରୋଦ ପ୍ରଧାନ, କ୍ଷୀରୋଦ ସାହୁ, ରାଜ କିଶୋର ସାହୁ, ବିଭୂତି ଭୂଷଣ ସାହୁ, ବିଜୟ ଦାସ, ଜିନେସ ସାହୁ, ଭୂପେନ ଥମ୍ବ ମନୋଜ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ଛାତ୍ରୀ

**ଅନୁଗୋଳ ଅଫିସ, ୧୬।୪**

ଅନ୍‌ଲାଇନ୍ ପରୀକ୍ଷା ଦାବିରେ ଶୁକ୍ରବାର ଅନୁଗୋଳ ମହାବିଦ୍ୟାଳୟ ଛାତ୍ରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଛାତ୍ରୀମାନେ କହିଛନ୍ତି ଯେ, କରୋନା ସଂକ୍ରମଣ ସମୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଅଫ୍‌ଲାଇନ୍‌ରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସେମାନେ ବିରୋଧ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ପରୀକ୍ଷା ବାତିଲ କିମ୍ବା ଅନ୍‌ଲାଇନ୍‌ରେ କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ପରୀକ୍ଷା ସମ୍ପର୍କରେ ଖୁବ୍‌ଶୀଘ୍ର ସରକାର ନିଷ୍ପତ୍ତି ନେବେ ବୋଲି ପ୍ରଶାସନ ପକ୍ଷରୁ କୁହାଯିବା ପରେ ଛାତ୍ରୀମାନେ ଆନ୍ଦୋଳନରୁ ଓହରିଥିଲେ। ଛାତ୍ରୀ ସୌଭଗ୍ୟଲକ୍ଷ୍ମୀ ଶତପଥୀ, ମନସୁନ୍ କାନୁନଗୋ, ଇସାନି ଦାଶ, ଅର୍ପିତା ଘୋଷାଲ ପ୍ରମୁଖ ସାମିଲ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଛାତ୍ରୀମାନେ।

# ଖଣି କର୍ତ୍ତୃପକ୍ଷଙ୍କ ସହ ବୈଠକ ବିଫଳ

**ତାଳଚେର,୧୬।୪(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଲିଙ୍ଗରାଜ ଖଣି କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ବିରୋଧରେ ୧୨ ନଂ. ୱାର୍ଡ ରେମୁଆଁ ଗ୍ରାମ୍ୟ କମିଟି ତରଫରୁ ପୂର୍ବରୁ ୧୧ ଦଫା ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏ ନେଇ ଶୁକ୍ରବାର ଏକ ସମାଧାନ ବୈଠକ ଖଣି କର୍ତ୍ତୃପକ୍ଷ ଡକାଇଥିଲେ। ଏଥିରେ ରେମୁଆଁ ଗ୍ରାମ ଅଙ୍ଗନୱାଡି ପାଚେରି ନିର୍ମାଣ, ଛୋଟ ପିଲାଙ୍କୁ ଖେଳ ଉପକରଣ, ନୂତନ ପୋଖରୀ, ମୃତଦେହ ସଂସ୍କାର ପାଇଁ ସେଡ୍, ଖେଳ ପଡିଆ ନିର୍ମାଣ, ଥଣ୍ଡା ପାନୀୟ ଜଳ, ଯାତ୍ରୀ ବିଶ୍ରାମାଗାର ନିର୍ମାଣ, ରାସ୍ତାରେ ପାଣି ସିଞ୍ଚନ ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଗ୍ରାମରେ କିଛି କାର୍ଯ୍ୟ ନିଜେ ଲିଙ୍ଗରାଜ କର୍ତ୍ତୃପକ୍ଷ କରିବେ ଓ ଆଉ କିଛି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ କରାଯିବ ବୋଲି ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମୁଖ୍ୟ ସମସ୍ୟା ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ ନେଇ ସମାଧାନର କୌଣସି ବାଟ ବାହାରିପାରି ନ ଥିଲା। ଫଳରେ ବୈଠକ ବିଫଳ ହୋଇଥିବା ଗ୍ରାମ କମିଟି ସଭାପତି ବାବୁଲାଲ୍ ଖଣ୍ଡୁଆଳ ଘୋଷଣା କରିଥିଲେ। ଏଥିସହ ଆଗାମୀ ଦିନରେ ଲିଙ୍ଗରାଜ ଖଣି ରୋଡ୍ ସେଲ୍ ରାସ୍ତାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଗ୍ରାମ୍ୟ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଉପଜିଲାପାଳଙ୍କ ନିଷ୍ପତ୍ତିକୁ କମିଟି ଅପେକ୍ଷା କରିବା ସହ ଆନ୍ଦୋଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ କମିଟି ସମ୍ପାଦକ ତଥା ସାମାଜିକ କର୍ମୀ ସୁଲେଖ ସେଠୀ, କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ଖଣ୍ଡୁଆଳ, ଉପସଭାପତି ଅଜୟ ରଞ୍ଜନ ଦାସ, ମୁଖ୍ୟ ପରାମର୍ଶଦାତା ବିରଜା ଶଙ୍କର ମିଶ୍ର, ଉପଦେଷ୍ଟା ଶ୍ରୀନିବାସ ସେଠୀ, ଦେବଦତ୍ତ ମହାନ୍ତି, ରଶ୍ମିରଞ୍ଜନ ଦାସ, ମହେଶ୍ୱର ଜେନା, ଚନ୍ଦ୍ରମଣି ନାଏକ, କ୍ଷେତ୍ରବାସୀ ନାଏକ ଏବଂ ଲିଙ୍ଗରାଜ ଖଣି କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।




ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଆସିଥିବା ରେମୁଆଁ ଗ୍ରାମବାସୀ।

# କଟକଣା ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ

**ଆଜିଠୁ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ**

- ଜାରି ରହିବ ଜରୁରିକାଳୀନ ସେବା
- ଗୁଜବ ପ୍ରଚାର କଲେ ବନ୍ଧାହେବେ
- ପୋଲିସ, ପ୍ରଶାସନ ସଜାଗ

**ଢେଙ୍କାନାଳ ଅଫିସ, ୧୬।୪**

ଭୟଙ୍କର ରୂପ ନେଇ ବାହୁଡ଼ିଛି କରୋନା। ଦେଶ ତଥା ରାଜ୍ୟରେ ସଂକ୍ରମଣ ମାମଲା ରେକର୍ଡ ଭାଙ୍ଗୁଛି। ଦ୍ୱିତୀୟ ଲହରିର ମୁକାବିଲା କରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିଲାଗି ଜାରି କରାଯାଇଛି ବିଭିନ୍ନ କଟକଣା। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଶନିବାରଠାରୁ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ଘୋଷଣା କରିଛନ୍ତି। ରାତି ୯ଟାରୁ ପରଦିନ ସକାଳ ୫ଟା ଯାଏ ଏହି କଟକଣା ବଳବତ୍ତର ରହିବ। ପରବର୍ତ୍ତୀ ନିର୍ଦ୍ଦେଶନାମା ଯାଏ ଏହା କାର୍ଯ୍ୟକାରୀ ହେବ। ଜନତାଙ୍କ ଧନଜୀବନ ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

ରାତ୍ରିକାଳୀନ କର୍ଫ୍ୟୁ ସମୟ ମଧ୍ୟରେ ବିନା ଜରୁରୀ କାର୍ଯ୍ୟରେ ଜନସାଧାରଣ ବାହାରକୁ ବାହାରି ପାରିବେନାହିଁ। ସମସ୍ତ ସାମାଜିକ, ସାଂସ୍କୃତିକ, ରାଜନୈତିକ କାର୍ଯ୍ୟକ୍ରମ ବନ୍ଦ ରହିବ। ତେବେ ଏହି ସମୟ ଭିତରେ ସ୍ୱାସ୍ଥ୍ୟ, ଅଗ୍ନିଶମ, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଭଳି କାର୍ଯ୍ୟ ଜାରି ରହିବ। ଅନ୍ୟପଟେ କରୋନାକୁ ନେଇ ଗୁଜବ କିମ୍ବା ଅପପ୍ରଚାର କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୁଜବ ସୃଷ୍ଟିକାରୀ ବନ୍ଧା ହେବେ। କରୋନା ଉପରେ ବିଜୟ ହାସଲ କରିବା ଲାଗି ପ୍ରଶାସନକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ଜିଲାପାଳ ନିବେଦନ କରିଛନ୍ତି। ଅପରପକ୍ଷେ ନାଇଟ୍ କର୍ଫ୍ୟୁ ସମୟରେ କଟକଣା ଜଗିବାକୁ ଏସ୍‌ପି, ଉପଖଣ୍ଡ ମାଜିଷ୍ଟ୍ରେଟ୍, ନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ସମେତ ସମସ୍ତ ଥାନାର ଅଧିକାରୀଙ୍କୁ ଅବଗତ କରାଯାଇଛି। ରାତିରେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଦିନ ସମୟରେ ମଧ୍ୟ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



**ଜିଲାରୁ ୧୬ ଆକ୍ରାନ୍ତ ଚିହ୍ନଟ**

ଢେଙ୍କାନାଳ ଜିଲାରୁ ଶୁକ୍ରବାର ୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ୪ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂଆ ପଜିଟିଭ୍‌ଙ୍କ ଭିତରେ ପରଜଙ୍ଗ ବ୍ଲକର ୬, ଢେଙ୍କାନାଳ ପୌରାଞ୍ଚଳର ୪, ଓଡ଼ାପଡ଼ା ବ୍ଲକର ୨, ଗଁଦିଆ ବ୍ଲକର ୨, ସଦର ବ୍ଲକର ଜଣେ ଏବଂ କାମାକ୍ଷାନଗର ବ୍ଲକର ଜଣେ ଅଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୫,୮୧୨ ହୋଇଥିବାବେଳେ ୫,୭୨୧ଜଣ ସୁସ୍ଥ ହୋଇ ସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

**ତ୍ରୁଟି ସୁଧାରିଲେ କରୋନା ହାରିବ**



“ ରାତି କର୍ଫ୍ୟୁ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ କେବଳ ଏହା ସମସ୍ୟାର ସମାଧାନ ନୁହେଁ। ବାହାରୁ ଆସୁଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ କରୋନା ପରୀକ୍ଷା କରାଯାଉ। ସେମାନଙ୍କୁ ଅନ୍ୟୂନ ୭ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବା ଲାଗି ପଦକ୍ଷେପ ନିଆଯିବା ଜରୁରୀ। କୋଭିଡ୍-୧୯ ମୁକାବିଲା ସମୟରେ ରହୁଥିବା ତ୍ରୁଟି ସୁଧାରିଲେ କରୋନା ହାରିବ।

-ପଙ୍କଜ ନାୟକ, ସାମାଜିକ କର୍ମୀ

**ଜନତାଙ୍କ ସହଯୋଗ ଜରୁରୀ**



“ କରୋନାକୁ ନିୟନ୍ତ୍ରଣକୁ ଆଣିବା ଲାଗି ପ୍ରଶାସନ ପକ୍ଷରୁ ଲାଗୁ କରାଯାଇଥିବା ରାତ୍ରିକାଳୀନ କର୍ଫ୍ୟୁ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କର୍ଫ୍ୟୁ ସମୟରେ କୌଣସି ଲୋକ ରାତି କିମ୍ବା ଭୋର୍ ସମୟରେ ସହରକୁ ପ୍ରବେଶ କଲେ ପ୍ରଶାସନ ଅବଗତ ହୋଇପାରିବ। ତଦନୁଯାୟୀ ସମୁଚିତ ପଦକ୍ଷେପ ନିଆଯାଇପାରିବ। ଜନସାଧାରଣ ମଧ୍ୟ ଏଥିରେ ସହଯୋଗ କରିବା ନିହାତି ଜରୁରୀ।

-ବିଶ୍ୱନାଥ ବେହେରା, ମିଳିତବଜାର ପୂଜା କମିଟି ସଭାପତି

**ଅଧିକ ପରୀକ୍ଷା କରାଯାଉ**



“ ଜିଲାରେ କରୋନା ସଂକ୍ରମଣ ବଢ଼ୁଥିବା ବେଳେ ରାତି କର୍ଫ୍ୟୁର ଆବଶ୍ୟକତା ରହିଛି। ଜିଲାକୁ ପ୍ରବେଶ କରୁଥିବା ପ୍ରବାସୀମାନଙ୍କ ସମ୍ପର୍କରେ ପ୍ରଶାସନ ଅବଗତ ହେବା ଉଚିତ। ଠିକ୍ ସମୟରେ ସେମାନଙ୍କ କୋଭିଡ୍ ଟେଷ୍ଟ କରାଗଲେ ସଂକ୍ରମଣକୁ ରୋକାଯାଇପାରିବ। ଏହାକୁ ବାଦ୍‌ଦେଲେ ଅଧିକରୁ ଅଧିକ ପରୀକ୍ଷା, ହୋମ୍ ଆଇସୋଲେସନ ବ୍ୟବସ୍ଥା ମଧ୍ୟ କରାଯିବା ଜରୁରୀ। ଏ କ୍ଷେତ୍ରରେ ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

-ପ୍ରଦୀପ ସାହୁ, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ସମ୍ପାଦକ

## ସଂକ୍ଷେପରେ

### କୃଷକ ତାଲିମ ଶିବିର



**ଢେଙ୍କାନାଳ ଅଫିସ, ୧୬।୪:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୃଷି କାର୍ଯ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ କୃଷି ଅଧିକାରୀ ଶାଶ୍ୱତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ପ୍ରମୋଦ କୁମାର ପ୍ରଧାନ, ମୃତ୍ତିକା ବିଭାଗର ସହକାରୀ କୃଷି ନିର୍ଦ୍ଦେଶକ ଶରତ ଚନ୍ଦ୍ର ପରିଡ଼ା, ଆତ୍ମା ସଭାପତି ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ସରକାରୀ ଯୋଜନାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଶିବପୁର, କୋଚିଲାମଡ଼ା ଗ୍ରାମର ବହୁଚାଷୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶିଶିର କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ଆତ୍ମନିଯୁକ୍ତି ତାଲିମ

**ଢେଙ୍କାନାଳ ଅଫିସ, ୧୬।୪:** ଢେଙ୍କାନାଳ ଦକ୍ଷିଣକାଳୀରୋଡ଼୍‌ସ୍ଥିତ ୟୁକୋ ଗ୍ରାମ୍ୟ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ଗୁରୁବାରଠାରୁ ଆରମ୍ଭ ହୋଇଛି ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ। ଏଥିରେ ଗଁଦିଆ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୫ ଜଣ ମହିଳା ଯୋଗଦେଇ ପାମ୍ପଡ, ଆଚାର, ମସଲା ପ୍ରସ୍ତୁତି ଉପରେ ତାଲିମ ନେଉଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ବିଶ୍ୱନାଥ ପଟ୍ଟନାୟକ, ଆଞ୍ଚଳିକ ଶିଳ୍ପକେନ୍ଦ୍ର ମ୍ୟାନେଜର ସନ୍ତୋଷ କୁମାର ମିଶ୍ର, ନାବାର୍ଡ ଡେପୁଟି ମ୍ୟାନେଜର ଡ. ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ମହିଳାଙ୍କୁ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଚିନ୍ମୟ ଜେନା, କାଦମ୍ବରୀ ମହାକୁଡ଼, ପ୍ରଣବ ରଞ୍ଜନ ମିଶ୍ର, ସତ୍ୟମ୍ ଶୁଭମ୍ ଦାସ, ସୁଚିତ୍ରା ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ୱଶୁରଘର ନିକଟରୁ ଜ୍ୱାଇଁଙ୍କ ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୧୬।୪:** ଶ୍ୱଶୁର ଘର ନିକଟରୁ ଝୁଲନ୍ତା ଅବସ୍ଥାରେ ମିଳିଲା ଜ୍ୱାଇଁଙ୍କ ମୃତଦେହ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା ଗଁଦିଆ ଥାନା ରାଇତଳା ଗ୍ରାମରେ। ମୃତକ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା ଅତା ଗ୍ରାମର ସନ୍ତୋଷ କୁମାର ବେଉରା। ତାଙ୍କ ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପାରିବାରିକ କଳହ ଯୋଗୁ ସନ୍ତୋଷ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ରାଇତଳାସ୍ଥିତ ବାପଘରେ ସନ୍ତୋଷଙ୍କ ସ୍ତ୍ରୀ ରହୁଥିଲେ। ଗୁରୁବାର ସନ୍ତୋଷ ଶ୍ୱଶୁର ଘରକୁ ଆସିଥିଲେ। ଘର ନିକଟ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତଦେହ ଠାବ କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୧୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ବିଷ୍ଣୁ ଚରଣ ବାରିକ ସୂଚନା ଦେଇଛନ୍ତି।

## ସରିଲା ଦଣ୍ଡନୃତ୍ୟ ବ୍ରତ

**କଣିହାଁ/ବଇଣ୍ଡା,୧୬।୪(ଡି.ଏନ.ଏ.)**

କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଗୁରୁବାର ଦଣ୍ଡନୃତ୍ୟ ବ୍ରତ ସମାପନ ହୋଇଛି। ଏଥିସହ କାମନା ପୀଠରେ ମେରୁ ଉତ୍ସବ ପାଳିତ ହୋଇଯାଇଛି। ଲୁହାମରା, ବଇଣ୍ଡା, ଦେଭୂଇଁ, ବଜ୍ରକୋଟ, ଦୁର୍ଗାପୁର, କାକୁଡିଆ, ସାନତ୍ରିବିଡା, ଛେଳିଆ, ସମଲ, ବିରୁ ସମେତ ଅନେକେ ଗ୍ରାମରେ ଶାନ୍ତିଶୃଙ୍ଖଳା ସହିତ କାର୍ଯ୍ୟକ୍ରମ ଶେଷ ହୋଇଛି। ଚଳିତ ବର୍ଷ ଅଧିକାଂଶ ସ୍ଥାନରେ ବଳିପ୍ରଥା ବନ୍ଦ ରହିଥିଲା। ତେବେ ସଚେତନତା ଅଭାବରୁ ବିରୁ ଗ୍ରାମରେ ବଳି ପଡିଥିଲା। କାମନାଧାରୀମାନେ କୁକୁଡ଼ା ଓ ବୋଦା ଆଣି ବଳି ଚଢାଇ ଥିଲେ। ପୋଲିସ ଓ ପ୍ରଶାସନ ଲୋକଙ୍କୁ ସଚେତନ କରି ନ ଥିବାରୁ ବିରୁ କାମନା ପୀଠ ରକ୍ତରଞ୍ଜିତ ହୋଇଥିଲା, ଯାହାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ସେହିପରି କିଶୋରନଗର ବ୍ଲକ ବଡହୁଲା, ଗାଁ ବଇଣ୍ଡା, ପାପସରା, ବଏଜା, ଧଉରାପାଲି ସହ ବିଭିନ୍ନ ଗ୍ରାମରେ ବୁଧବାର ମେରୁ ଯାତ୍ରା ପାଳିତ ହୋଇଯାଇଛି। ମା' ମାହେଶ୍ୱରୀଙ୍କୁ ଶୋଭାଯାତ୍ରାରେ ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ମାସ୍କ ପରିଧାନ କରିଥିଲେ। ସାନିଟାଇଜ ପରେ ମନ୍ଦିରକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିଲା। ଭକ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ଲାଗି ସ୍ଥାନୀୟ ପୋଲିସ ମୁତୟନ ହୋଇଥିବାବେଳେ ମନ୍ଦିର କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

## 'ମୋ ସ୍କୁଲ ଅଭିଯାନକୁ ସଫଳ କର'

**ଢେଙ୍କାନାଳ ଅଫିସ, ୧୬।୪**

ଗଁଦିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗଁଦିଆ ହାଇସ୍କୁଲ ସଭାଗୃହରେ ଶୁକ୍ରବାର ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଇଓ ମିନତୀ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ଶିବଶଙ୍କର ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ତହସିଲଦାର ଆଶିଷ ରଞ୍ଜନ ସାହୁ ଯୋଗଦେଇ ମୋ ସ୍କୁଲ ଅଭିଯାନକୁ ସଫଳ କରିବାକୁ ପୁରାତନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏବିଇଓ ସଂସାର ଭୋଇ, ସନ୍ଧ୍ୟାରାଣୀ ସ୍ୱାଇଁ ଅଭିଯାନର ଉଦ୍ଦେଶ୍ୟ, ବର୍ତ୍ତମାନସ୍ଥିତିରେ ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସିଆର୍‌ସିସି ଅଭୟ ସାହୁ, ତ୍ରିଲୋଚନ ମଲ୍ଲିକ, ହରିହର ମଲ୍ଲିକ, ବିନୟ କୁମାର, ଏବିଇଓ ଜ୍ୟୋତିର୍ମୟୀ ନାଥ, ମଠତେନ୍ତୁଳିଆ ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁ, ଷଡଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରିହର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ର ତାପସ ସାହୁ, ଅଶୋକ ସାହୁ, ସୁଧାକର ସାହୁ, ବିଦ୍ୟାଧର ପରିଡା, ଯୁଗଳ କିଶୋର ଦାସ, ଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ଲେଙ୍କା, ରୁନୁବାଳା ସାହୁଙ୍କ ସମେତ ମୋ ସ୍କୁଲ ଅଭିଯାନ ମନିଟରିଂ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ।

## ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ

**ଅନୁଗୋଳ ଅଫିସ/ ବଇଣ୍ଡା(ଡି.ଏନ.ଏ., ୧୬।୪**

ଅନୁଗୋଳ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝିଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ରଙ୍ଗମାଟିଆ ଦଳିତସାହିରେ ଭାଜପା ମଣ୍ଡଳ ସଭାପତି ଯଶୋବନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ସମାରୋହରେ ଅଭିରାମ ସାହୁ, ଅଜିତ ପଟ୍ଟନାୟକ, ଲୁଲୁ ସାହୁ, ପ୍ରଦୀପ ଶଙ୍ଖାରି, ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ମଣିଷ ତିଆରି କାରଖାନା




ଅତିଥିଙ୍କ ଗହଣରେ ପୁରାତନ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୧୬।୪**

ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ ସମୀକ୍ଷା ଏବଂ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଯୋଗଦେଇ କହିଲେ, ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାର ମହତ୍ତ୍ୱକୁ ସମସ୍ତେ ବୁଝିବା ଦରକାର। ସଦର ବିଇଓ ମୌସୁମୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ବିଡିଓ ଝାଡ଼େଶ୍ୱର ଦାସ, ବିଆର୍‌ସିସି ଅଦ୍ୱୈତ କୁମାର ସାମଲ ପ୍ରମୁଖ ଯୋଗଦେଇ ମୋ ସ୍କୁଲ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ,୧୬।୪**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ହିନ୍ଦୋଳ ରୋଡ ଫାଣ୍ଡି ଅନ୍ତର୍ଗତ ଓଡ଼ାପଡ଼ା ଗ୍ରାମର ବିଦୂଷ ମହାପାତ୍ର (୨୩) ବେକରେ ଲୁଗାବାନ୍ଧି ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ହେଲେ କେଉଁ କାରଣରୁ ବିଦୂଷ ଏଭଳି ଚରମ ପଦକ୍ଷେପ ନେଲେ, ତାହାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## 'ବିପଦରୁ ଉଦ୍ଧାର ମୁଖ୍ୟ ଲକ୍ଷ୍ୟ'

**ଅନୁଗୋଳ ଅଫିସ, ୧୬।୪**

ଅନୁଗୋଳ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ସେବା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଅନୁଗୋଳ ଅଗ୍ନିଶମ କେନ୍ଦ୍ରର ମୁଖ୍ୟ ଭାରପ୍ରାପ୍ତ ଆଶିଷ୍ଟାଣ୍ଟ ଫାୟାର ଅଫିସର ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ମୁମ୍ବାଇରେ ପ୍ରାଣ ହରାଇଥିବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ଅଗ୍ନି ନିରାପତ୍ତା ଉପକରଣର ରକ୍ଷଣାବେକ୍ଷଣ, ପ୍ରାକୃତିକ ବିପର୍ଯ୍ୟୟରେ ଲୋକଙ୍କୁ ତ୍ୱରିତ ସେବା ଯୋଗାଇଦେବା, ଜଙ୍ଗଲ ନିଆଁକୁ ଆୟତ୍ତ କରିବା ଅଗ୍ନିଶମ କର୍ମଚାରୀଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଅବଗତ କରାଯାଇଥିଲା। ସେବା ସପ୍ତାହ ପାଳନ ଅବସରରେ କେନ୍ଦ୍ର ପକ୍ଷରୁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଅଗ୍ନିଶମ କେନ୍ଦ୍ରର ଦୁଇଟି ଗାଡ଼ି ସମ୍ପୂର୍ଣ୍ଣ ଉପକରଣ ନେଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଅଗ୍ନିଶମ କେନ୍ଦ୍ର ମୁଖ୍ୟ ବିଶ୍ୱାଳଙ୍କ ସହ ସୁବୋଧ କୁମାର ପ୍ରଧାନ, ସୁକାନ୍ତ କୁମାର ନାଥ, ସୂର୍ଯ୍ୟମଣି ରଣା, ସନ୍ଦୀପ ସାମନ୍ତରାୟ, ରଶ୍ମି ରଞ୍ଜନ ବରାଳ, ଏମ୍. କିଷାନ ଓ ଅନ୍ୟ ଅଗ୍ନିଶମ କର୍ମଚାରୀମାନେ ସାମିଲ ହୋଇଥିଲେ।



ସେବା ସପ୍ତାହ ପାଳନ ଅବସରରେ ଅଗ୍ନିଶମ କର୍ମଚାରୀମାନେ।

## ଅନ୍‌ଲାଇନ୍ ପରୀକ୍ଷା ଦାବିରେ ଧାରଣା

- ଢେଙ୍କାନାଳ କଲେଜରେ ତେଜିଲା ଛାତ୍ର ଅଶାନ୍ତି
- ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଲେ

**ଢେଙ୍କାନାଳ ଅଫିସ, ୧୬।୪**

ଅନ୍‌ଲାଇନ୍‌ରେ ତୃତୀୟ ସେମିଷ୍ଟର ପରୀକ୍ଷା କରିବା ଦାବିରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଏହାର ପ୍ରତିବାଦରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ଶୁକ୍ରବାର କଲେଜ ପରିସରରେ ଧାରଣାରେ ବସିଥିଲେ। କରୋନା ସଂକ୍ରମଣ ବୃଦ୍ଧିକୁ ନଜରରେ ରଖି ତୃତୀୟ ସେମିଷ୍ଟର ପରୀକ୍ଷାକୁ ସରକାରଙ୍କ ପକ୍ଷରୁ ବନ୍ଦ କରାଯାଇଛି। ହେଲେ ପରୀକ୍ଷା ବନ୍ଦ ପରିବର୍ତ୍ତେ ଅନ୍‌ଲାଇନ୍‌ରେ କରିବାକୁ ପିଲାମାନେ ଦାବି କରିଛନ୍ତି। ଏ ନେଇ ସେମାନେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର କୁହନ୍ତି, ଛାତ୍ରୀଛାତ୍ରଙ୍କ ଅଭିଯୋଗ ମିଳିଛି। ହେଲେ ସରକାରଙ୍କ ପକ୍ଷରୁ ପରୀକ୍ଷା ବନ୍ଦ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ ୧୯ ତାରିଖ ସୁଦ୍ଧା କଲେଜ ଛାତ୍ରାବାସ ଖାଲି କରିବାକୁ କୁହାଯାଇଛି। ସରକାରୀ ନିର୍ଦ୍ଦେଶ ଭଙ୍ଗ କରି କଲେଜ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସେ ସ୍ପଷ୍ଟୀକରଣରେ କହିଛନ୍ତି।



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

## 'ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି କବିଭୂଷଣ'

**ଢେଙ୍କାନାଳ ଅଫିସ, ୧୬।୪**

ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ କବିଭୂଷଣ ରାଜକିଶୋର ପଟ୍ଟନାୟକ ଥିଲେ ଢେଙ୍କାନାଳ ଜିଲାର ଗର୍ବ ଓ ଗୌରବ। ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବେ ସେ ପରିଚିତ ଥିଲେ। କବି, ପ୍ରାବନ୍ଧିକ, ସମାଲୋଚକ ଭାବେ ସେ ସୃଷ୍ଟି କରିଯାଇଥିବା ସାହିତ୍ୟ ବାଣୀଭଣ୍ଡାରକୁ ସମୃଦ୍ଧ କରିଛି। ମୂଲ୍ୟବୋଧ ଭିତ୍ତିକ ସାହିତ୍ୟ ସୃଷ୍ଟିରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ। ଢେଙ୍କାନାଳ କବିଭୂଷଣ ସ୍ମୃତି ସଂସଦ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍‌ହଲ ପରିସରରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ, ସାହିତ୍ୟିକା ପ୍ରଭାସିନୀ ମହାକୁଡ ଯୋଗଦେଇ ଓଡ଼ିଆ ସାହିତ୍ୟକୁ କବିଭୂଷଣଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ସଂସଦର ମୁଖପତ୍ର 'ବାପା', ଉମେଶ ଚନ୍ଦ୍ର ଦାସଙ୍କ ଲିଖିତ କବିତା ପୁସ୍ତକ 'ଅନ୍ତର୍ଦାହ', ନୃସିଂହ ଚରଣ ମହାନ୍ତିଙ୍କ ଲିଖିତ ଗଳ୍ପ ସଂକଳନ 'ଇତର ଦେବତା' ଉନ୍ମୋଚିତ ହୋଇଥିଲା। ଆଶାରାଣୀ ପଣ୍ଡା, ଶଙ୍କର୍ଷଣ ଶତପଥୀ, ଉମେଶ ଚନ୍ଦ୍ର ଦାସ, ରଞ୍ଜିତା ମିଶ୍ର, ନୃସିଂହ ଚରଣ ମହାନ୍ତି ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଉପଲକ୍ଷେ କବିତା ପାଠୋତ୍ସବ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଅନୁଷ୍ଠାନର ସମ୍ପାଦକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ୍ ଅଜିତ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟନ୍ତୀ ଉପଲକ୍ଷେ ସକାଳେ କବି କୁଟୀରସ୍ଥିତ କବିଭୂଷଣଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।



ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

